# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**1 December - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ତିନିଦିନିଆ ଓଡ଼ିଶା ଗସ୍ତ ଶେଷକରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ

— ଭୁବନେଶ୍ୱରରେ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଜାତୀୟ ସୁରକ୍ଷାକୁ ନେଇ ବରିଷ୍ଠ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

- କୋଣାର୍କ ଉତ୍ସବକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

— ଚନ୍ଦ୍ରଭାଗା ବେଳାଭୂମିରେ ଆରମ୍ଭ ହେଲା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବ

- ରାଜ୍ୟରେ ଆଳୁର ଅଭାବ ରହିବ ନାହିଁ; କହିଲେ, ଖାଦ୍ୟ ଯୋଗାଣ ମନ୍ତ୍ରୀ

ଏବଂ

- ନୌସେନା ଦିବସ ପାଳନ ଉପଲକ୍ଷେ ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍‌ରେ ଫୁଲ୍ ଡ୍ରେସ୍ ରିହରସଲ; ୧୫ ରୁ ଊର୍ଦ୍ଧ୍ୱ ଯୁଦ୍ଧ ଜାହାଜର ସମରାଭ୍ୟାସ

# ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ଓଡ଼ିଶା ଗସ୍ତ ଶେଷ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗସ୍ତର ଅନ୍ତିମ ଦିନରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଅନୁଷ୍ଠିତ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗ ଦେଇଥିଲେ। ଏଥିରେ ଦେଶର ସୁରକ୍ଷାକୁ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ବୈଠକରେ ଜାତୀୟ ସୁରକ୍ଷାକୁ ନେଇ ଏକ ଖସଡା ପ୍ରସ୍ତୁତ କରାଯିବା ସହ ଆତଙ୍କବାଦ ଓ ମାଓବାଦୀ ମୁକାବିଲା, ଅନ୍ତର୍ଜାତୀୟ ସୀମା ଓ ଉପକୂଳ ସୁରକ୍ଷା, ସାଇବର ଅପରାଧ ଏବଂ ବେଆଇନ ନିଶା ଦ୍ରବ୍ୟ କାରବାରକୁ ରୋକିବା ଲାଗି ରଣନୀତି ପ୍ରସ୍ତୁତ କରାଯାଇଛି। ପୁଲିସ ତଦନ୍ତରେ ନୂତନ ଜ୍ଞାନକୌଶଳ ଓ ପୁଲିସଙ୍କ ଉତ୍ତମ ବ୍ୟବହାର ନେଇ ଆଲୋଚନା ହୋଇଥିବା ଜଣାପଡିଛି। ବୈଠକରେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଶ ସୁରକ୍ଷା ସଂକ୍ରାନ୍ତୀୟ ଆହ୍ୱାନର ମୁକାବିଲା ପାଇଁ ପରାମର୍ଶ ଦେଇଥିବା ଜଣାପଡିଛି।

# କୋଣାର୍କ ଉତ୍ସବ

କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆଜିଠାରୁ ୩୫ତମ କୋଣାର୍କ ଉତ୍ସବ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପାଞ୍ଚଦିନ ଧରି ଏହି ଉତ୍ସବ ଚାଲିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦେଶ ଏବଂ

ବିଦେଶର କଳାକାରମାନେ ଓଡିଶୀ, କଥକ, ମଣିପୁରୀ, ଭାରତନାଟ୍ୟମ୍ ଆଦି ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରିବେ । ଚନ୍ଦ୍ରଭାଗା ବେଳାଭୂମିରେ ଆଜିଠାରୁ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ମଧ୍ୟ ଆରମ୍ଭ ହୋଇଛି ।

## ଆଳୁ ଆମଦାନୀ

ରାଜ୍ୟରେ ଆଳୁର ଅଭାବ ରହିବ ନାହିଁ, ପର୍ଯ୍ୟାପ୍ତ ପରିମାଣର ଆଳୁ ଉତ୍ତରପ୍ରଦେଶରୁ ଆମଦାନୀ କରାଯାଇ ଖାଉଟିମାନଙ୍କୁ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଉତ୍ତରପ୍ରଦେଶରୁ ୩ ଶହ ଟ୍ରକ୍ ଆଳୁ ଆସନ୍ତାକାଲି ସୁଦ୍ଧା ଓଡ଼ିଶାରେ ପହଞ୍ଚିବ। କୌଣସି ବ୍ୟବସାୟୀ ଚଢ଼ା ଦରରେ ଆଳୁ ବିକ୍ରୀ କଲେ ବିଭାଗର ଏନ୍‌ଫୋର୍ସ୍‌ମେଣ୍ଟ ଟିମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି।

## ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଏବଂ ଗୋପବନ୍ଧୁ ଆରୋଗ୍ୟ ଯୋଜନା ମିଳିତ ଭାବେ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ ଦିଆଯିବ। ଦେଶର ୨୭ ହଜାର ଡାକ୍ତରଖାନାରେ ସ୍ୱାସ୍ଥ୍ୟକାର୍ଡ ଜରିଆରେ ଚିକିତ୍ସା ସୁବିଧା ମିଳିପାରିବ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ବିଧାନସଭା ଚାଲିଥିବାରୁ ଚଳିତମାସର ସୋମବାର ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ, ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସେହିଭଳି ୯, ୧୬, ୨୩ ଓ ୩୦ତାରିଖରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ନୌସେନା ଦିବସ

ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଆସନ୍ତା ୪ ତାରିଖ ବୁଧବାର ଦିନ ଭାରତୀୟ ନୌସେନା ଦିବସ ପାଳନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ନୌସେନା ଦିବସ ପାଳନ ପୂର୍ବରୁ ପୁରୀ ବେଳାଭୂମିରେ ନୌସେନାର ସମରାଭ୍ୟାସ ଚାଲିଥିବାବେଳେ ଆଜିଠାରୁ ଫୁଲ୍‌ଡ୍ରେସ୍ ରିହରସାଲ୍ ଆରମ୍ଭ ହୋଇଛି। ନୌସେନା ଦିବସ ପାଳନ ପାଇଁ ସମୁଦ୍ର ଭିତରେ ୧୫ ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜ ସମରାଭ୍ୟାସ କରୁଛନ୍ତି। ଆଇଏନ୍‌ଏସ୍ ଜଳସ୍ୱ, ଦିଲ୍ଲୀ, ମହୀଶୂର, ମୁମ୍ବାଇ, ରଣବୀର, ଶକ୍ତି, ସାହ୍ୟାଦ୍ରି ଆଦି ଜାହାଜ ଏଥିରେ ସାମିଲ ଅଛନ୍ତି। ଚିଲିକାସ୍ଥିତ ଭାରତୀୟ ନୌସେନାବାହିନୀର **କମାଣ୍ଡର ରୋମେକ୍ସ ଦାସ** ଆକାଶବାଣୀକୁ କହିଛନ୍ତି...

# - V/O -

ନୌସେନା ପକ୍ଷରୁ ୨୦ ପ୍ରକାରର ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ। ନୌସେନା ଯୋଦ୍ଧାମାନେ ଆକାଶରେ ମିଗ୍-୨୯ ଯୁଦ୍ଧବିମାନ, ହକ୍ ବିମାନ

ସହ ୪୦ ରୁ ଅଧିକ ହେଲିକପ୍ଟର ନୌସେନାର କୌଶଳ ପ୍ରଦର୍ଶନ କରିବେ। ଏଥିସହ ସ୍ୱତନ୍ତ୍ର ମାର୍କୋସ କମାଣ୍ଡୋ ବେଳାଭୂମିରେ ଅପରେସନ୍ କରିବେ। ନୌସେନାର ସମରାଭ୍ୟାସକୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀ ବଡଦାଣ୍ଡ ସମେତ ସହରର ଅନ୍ୟ କେତେକ ସ୍ଥାନରେ ଆଜିଠାରୁ ଗୁରୁବାର ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି।

## ଇକୋ ରିଟ୍ରିଟ୍

ରାଜ୍ୟର ୬ଟି ସ୍ଥାନରେ ଆଜିଠାରୁ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲ୍ଲାର ପୁଟସିଲ, ଗଞ୍ଜାମର ସୁନାପୁର, ଭିତରକନିକା, ଦାରିଙ୍ଗିବାଡି, ସାତକୋଶିଆ ଓ ହୀରାକୁଦରେ ଆଜିଠାରୁ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟରେ ଡିସେମ୍ବର ୧୫ ତାରିଖରୁ କୋଣାର୍କର ରାମଚଣ୍ଡୀ ନିକଟରେ ଇକୋ ରିଟ୍ରିଟ୍ ଆରମ୍ଭ ହେବ ବୋଲି  ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି। ତିନିମାସ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ। ଏହାସହ ପର୍ଯ୍ୟଟକଙ୍କ ମନୋରଞ୍ଜନର ବ୍ୟବସ୍ଥା ମଧ୍ୟ ରହିବ।

## ବିଶ୍ୱ ଏଡ୍ସ୍ ଦିବସ

‘ଉଚିତ୍ ମାର୍ଗ ଚୟନ କର, ମୋ ସ୍ୱାସ୍ଥ୍ୟ ମୋ ଅଧିକାର’ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଏଡ୍ସ୍ ଦିବସ।  ଏଚ୍ଆଇଭି ସହିତ ଜୀବନ

ନିର୍ବାହ କରୁଥିବା ଲୋକଙ୍କୁ ସମର୍ଥନ ଏବଂ ଏଡ୍ସ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ତଥ୍ୟ ଅନୁସାରେ, ଅଦ୍ୟାବଧି ପୃଥିବୀରେ ପ୍ରାୟ ୪ କୋଟି ଲୋକ ଏଡ୍ସ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱଙ୍କର ଏହି ରୋଗରେ ମୃତ୍ୟୁ ଘଟିଛି। ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୦୨ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ୬୩ ହଜାରରୁ ଊର୍ଦ୍ଧ୍ୱ ଏଡ୍ସ ରୋଗୀ ଚିହ୍ନଟ ହୋଇଛନ୍ତି । ଚଳିତ ଆର୍ଥିକବର୍ଷରେ ୨ ହଜାର ୪୮୯ ଜଣ ଏଡ୍ସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ଆର୍ଥିକବର୍ଷରେ ଏହି ରୋଗୀଙ୍କ ସଂଖ୍ୟା ୩ ହଜାର ୭୨୬ ଥିଲା। ବିଗତ ବର୍ଷଗୁଡ଼ିକ ତୁଳନାରେ ଏଡ୍ସ୍ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। ଓଡ଼ିଶା ଏଡ୍ସ୍ ନିୟନ୍ତ୍ରଣ ସମିତିର ସୂଚନା ଅନୁସାରେ, ଗଂଜାମ ଓ କଟକ ଜିଲ୍ଲାରେ ସର୍ବାଧିକ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ସବୁଠୁ କମ୍ ଏଡ୍ସ୍ ରୋଗୀ ଅଛନ୍ତି।

ଏଡ୍ସ୍ ସଚେତନତା ବାର୍ତ୍ତା ନେଇ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଶୋଭାଯାତ୍ରା, ଆଲୋଚନାଚକ୍ର ଆୟୋଜନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି।

ଓଡ଼ିଶା ରାଜ୍ୟ ଏଡ୍ସ୍ ନିୟନ୍ତ୍ରଣ ସମିତି ଓସାକ୍ସ୍ ପକ୍ଷରୁ ପାଳିତ ବିଶ୍ୱ ଏଡ୍ସ୍ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏଡ୍ସ୍ ପ୍ରତିହତ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଓସାକ୍ସ୍‌ର

ୱେବ୍‌ସାଇଟ୍ ଏବଂ ନ୍ୟୁଜ୍‌ଲେଟର ଉନ୍ମୋଚିତ ହୋଇଥିଲା। ଜାତୀୟ ଏଡ୍‌ସ୍ ନିୟନ୍ତ୍ରଣ ସଂଗଠନ ନାକୋ ପ୍ରାୟୋଜିତ ୨ ମାସିଆ ସଚେତନତା କାର୍ଯ୍ୟକ୍ରମରେ ସର୍ବାଧିକ ଗ୍ରାମକୁ ସାମିଲ କରିଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଗଞ୍ଜାମ, ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲ୍ଲାକୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଗଞ୍ଜାମ** ଜିଲ୍ଲା ଛତ୍ରପୁରରେ ଏହି ଦିବସରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏଡ୍‌ସ୍ ନେଇ ଲୋକଙ୍କୁ ସଚେତନ କରାଯାଇଛି। **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ଟାଉନ୍‌ହଲ୍‌ରେ ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସଂଗଠନ ଓ ଜିଲ୍ଲା ସ୍ୱାସ୍ଥ୍ୟବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ୍ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍‌ସ୍‌ର ମୁକାବିଲା କ୍ଷେତ୍ରରେ ସମସ୍ତେ ସଚେତନ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। **ସମ୍ବଲପୁର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି। **ବୌଦ୍ଧ** ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡ୍‌ସ୍‌ର ପ୍ରତିରୋଧ ତଥା ପ୍ରତିକାର ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା।

## ନୂଆ କଂସ

**ବରଗଡ଼**ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକା ପାଇଁ ଭୁବନେଶ୍ୱର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ବରଗଡ଼ ଧନୁଯାତ୍ରା କମିଟି ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଂଗମଂଚରେ ଧନୁଯାତ୍ରା ଆସନ୍ତା ଜାନୁୟାରୀ ୩ ତାରିଖରୁ ଆରମ୍ଭ ହେବ।

## ଇ-ଶ୍ରମକାର୍ଡ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଏନ୍‌ଏସି ପକ୍ଷରୁ ଇ-ଶ୍ରମକାର୍ଡ ଜରିଆରେ ରାସନ୍‌କାର୍ଡ ପାଇଁ ଆବେଦନ କରିଥିବା ପ୍ରବାସୀ ଶ୍ରମିକମାନଙ୍କୁ କାର୍ଡ ବିତରଣ କରାଯାଇଛି । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

## ସାମାଜିକ ସୁରକ୍ଷା-ପୁରସ୍କାର

ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ **ଭଦ୍ରକ** ଜିଲ୍ଲା ୨୦୨୪ ବର୍ଷ ପାଇଁ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ମଙ୍ଗଳବାର ଦିନ ଜିଲ୍ଲାପାଳ ଏହି ପୁରସ୍କାର ଗ୍ରହଣ କରିବେ ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ବୃଦ୍ଧି ପାଉଛି । ଗତକାଲି କୋରାପୁଟରେ ରାତିର ସର୍ବନିମ୍ନ ତାପମାତ୍ରା ୧୦ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଅପରପକ୍ଷରେ ଆଜି କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର କେତେକ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।